# NATIONAL NEWS BULLETIN (ODIA)

**26 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମନ୍ କି ବାତ୍‌ର ୧୩୩ତମ ସଂସ୍କରଣରେ ଦେଶର ପରମାଣୁ ଶକ୍ତିଯାତ୍ରାକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

\- ପବନଶକ୍ତି କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ସଫଳତାକୁ ସ୍ୱଚ୍ଛଶକ୍ତିର ପ୍ରତୀକ ଭାବେ ଅଭିହିତ କଲେ ଶ୍ରୀ ମୋଦୀ ।

- ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ତ୍ୱରାନ୍ୱିତ ହେଉଛି ପ୍ରମୁଖ ରାଜନୈତିକ ଦଳର ପ୍ରଚାରକାର୍ଯ୍ୟ ।

- ଆମେରିକାରେ ଘଟିଥିବା ଗୁଳିକାଣ୍ଡରୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ସୁରକ୍ଷିତ ଉଦ୍ଧାର ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଚେନ୍ନାଇ ଓ ଲକ୍ଷ୍ନୌରେ ଅନୁଷ୍ଠିତ ହେବ ୨ଟି ମ୍ୟାଚ୍ ।

---

## ମନ୍ କି ବାତ୍

ତାମିଲନାଡୁର କଲ୍ପକମ୍‌ରେ ଫାଷ୍ଟ ବ୍ରିଡର ରିଆକ୍ଟର ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର

ପରମାଣୁ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଛନ୍ତି । ଆଜି ଆକାଶବାଣୀରେ ମାସିକ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣରେ ଦେଶବାସୀଙ୍କୁ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି କଳ୍ପକମ୍‌ରେ ପ୍ରଥମ ବ୍ରିଡର ରିଆକ୍ଟର ଦେଶର ପ୍ରଥମ ଆତ୍ମନିର୍ଭରଶୀଳ ପରମାଣୁ ଶୃଙ୍ଖଳର ସଫଳତାକୁ ଦର୍ଶାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଏହା ଭାରତର ପରମାଣୁ ଶକ୍ତି ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ । ଏହି ରିଆକ୍ଟର ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ଏବଂ ଭବିଷ୍ୟତରେ ଇନ୍ଧନ ଉତ୍ପାଦନ କରିପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-Neuclear Programme)**

ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ବେସାମରିକ ପରମାଣୁ କାର୍ଯ୍ୟକ୍ରମ ଶକ୍ତି, ଶିଳ୍ପ, ସ୍ୱାସ୍ଥ୍ୟସେବା ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧିକୁ ସହାୟତା କରୁଛି ।

ନବୀକରଣୀୟ ଶକ୍ତି ଉପରେ ଆଲୋଚନାପୂର୍ବକ ଶ୍ରୀ ମୋଦୀ କହିଛନ୍ତି ଭାରତର ପବନ ଶକ୍ତି କ୍ଷମତା ୫୬ ଗିଗାୱାଟ ଅତିକ୍ରମ କରିଛି, ଏବଂ ଗତବର୍ଷ ଅଧିକ ୬ ଗିଗାୱାଟ ଉତ୍ପାଦନ ହୋଇଛି । ଏ କ୍ଷେତ୍ରରେ ଭାରତ ବର୍ତ୍ତମାନ ବିଶ୍ୱସ୍ତରରେ ଚତୁର୍ଥ ସ୍ଥାନରେ ରହିଛି । ସେ କହିଛନ୍ତି ଗୁଜୁରାଟ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ରାଜ୍ୟ ଏହି କ୍ଷେତ୍ରର ନେତୃତ୍ୱ ନେଉଛନ୍ତି । ଶ୍ରୀ ମୋଦୀ ମନ୍ କି ବାତ୍‌ରେ ସ୍ୱଚ୍ଛ ଶକ୍ତି ଏବଂ ସଂରକ୍ଷଣର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇଛନ୍ତି ।

**V/O (PM on Wind and Solar Energy)**

୨୦୨୭ ଜନଗଣନା ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରକ୍ରିୟାରେ କରାଯାଉଛି, ଯେଉଁଥିରେ ନାଗରିକମାନେ ଜନଗଣନାକାରୀଙ୍କ ଗସ୍ତ ପୂର୍ବରୁ ମୋବାଇଲ୍ ଆପ୍ ମାଧ୍ୟମରେ ଆତ୍ମ-ଗଣନା କରିପାରୁଛନ୍ତି । ଏ ପର୍ଯ୍ୟନ୍ତ ୧କୋଟି ୨୦ଲକ୍ଷ ପରିବାରର ଗୃହଗଣନା ଶେଷ ହୋଇଥିବା ସେ କହିଛନ୍ତି । ସେ ତଥ୍ୟ ସୁରକ୍ଷା ଏବଂ ଗୋପନୀୟତା ସୁନିଶ୍ଚିତ କରି ଜନସାଧାରଣ ଏହି ପ୍ରକ୍ରିୟାରେ ଅଧିକରୁ ଅଧିକ ଅଂଶଗ୍ରହଣକୁ କରିବାକୁ ଆହ୍ୱାନ ଦେଇଛନ୍ତି ।

ମନ୍ କି ବାତ୍‌ରେ ଶ୍ରୀ ମୋଦୀ ବୁଦ୍ଧ ପୂର୍ଣ୍ଣିମା ପାଇଁ ଶୁଭେଚ୍ଛା ଜଣାଇବା ଅବସରରେ ଭଗବାନ ବୁଦ୍ଧଙ୍କ ଶିକ୍ଷାର ବିଶ୍ୱସ୍ତରୀୟ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

**V/O (PM on Budha Teaching)**

ପ୍ରଧାନମନ୍ତ୍ରୀ ସାରାଦେଶରେ ପରିବେଶ ସଂରକ୍ଷଣ ପ୍ରୟାସ, କଚ୍ଛରେ ଫ୍ଲେମିଙ୍ଗୋ ବାସସ୍ଥାନ, ଉତ୍ତର ପ୍ରଦେଶରେ ସମ୍ପ୍ରଦାୟ ନେତୃତ୍ୱାଧୀନ ମଣିଷ-ହାତୀ ସଂଘର୍ଷ ପରିଚାଳନା ଏବଂ ବନ୍ୟପ୍ରାଣୀ ପୁନରୁଦ୍ଧାର ପଦକ୍ଷେପ ସମ୍ପର୍କରେ ମନ୍ କି ବାତ୍‌ରେ କହିଛନ୍ତି । ୨୦୧୭ ରେ ନୀତିଗତ ସଂସ୍କାର ପରେ ଉତ୍ତର-ପୂର୍ବାଞ୍ଚଳରେ ବୃଦ୍ଧିପାଉଥିବା ବାଉଁଶ ଶିଳ୍ପକୁ ଶ୍ରୀ ମୋଦୀ ପ୍ରଶଂସା କରିବା ସହ ଏହା ଉଦ୍ୟୋଗୀତା ଏବଂ ନିଯୁକ୍ତିକୁ ବୃଦ୍ଧି କରିଥିବା କହିଛନ୍ତି ।

ପ୍ରଧାନମନ୍ତ୍ରୀ ବିଟିଂ ରିଟ୍ରିଟ୍ ସମାରୋହକୁ ଭାରତର ସାମରିକ ସଙ୍ଗୀତ ପରମ୍ପରାର ପ୍ରଦର୍ଶନ ଭାବରେ ଅଭିହିତ କରିବା ସହ ଭାରତୀୟ ଜାତୀୟ ଅଭିଲେଖାଗାର ଦ୍ୱାରା ୨୦ କୋଟିରୁ ଅଧିକ ରେକର୍ଡର ଡିଜିଟାଇଜେସନ୍ ବିଷୟ ମନ୍ କି ବାତ୍‌ରେ କହିଛନ୍ତି ।

ଶ୍ରୀ ମୋଦୀ ଫ୍ରାନ୍ସରେ ୟୁରୋପୀୟ ବାଳିକା ଗଣିତ ଅଲିମ୍ପିଆଡରେ ଭାରତୀୟ ଦଳ ଷଷ୍ଠ ସ୍ଥାନ ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି ।

ଅନ୍ୟପକ୍ଷରେ  ଭାରତୀୟ ପନିରର ବିଶ୍ୱସ୍ତରୀୟ ସ୍ୱୀକୃତି ବିଷୟରେ ଆଲୋଚନା କରି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଭାରତ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା କହିଛନ୍ତି ।

ଶ୍ରୀ ମୋଦୀ ମନ୍ କି ବାତ୍‌ରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ପୂର୍ବରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି  ରାଷ୍ଟ୍ର ନିର୍ମାଣରେ ତାଙ୍କର ଅବଦାନକୁ ସ୍ମରଣ କରିଛନ୍ତି। ଚଳିତ ଗ୍ରୀଷ୍ମଋତୁରେ ପିଲାମାନଙ୍କୁ ସୁସ୍ଥ ରହିବା ଏବଂ କିଛି ନୂଆ କରିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

# ଡବ୍ଲ୍ୟୁବି-କ୍ୟାମ୍ପେନିଂ

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନକୁ ଆଉ ୨ ଦିନ ବାକିଥିବାବେଳେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାରକାର୍ଯ୍ୟ ଉପରେ ପ୍ରାଧାନ୍ୟ ଦିଆଯାଉଛି । ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ହୁଗୁଳିର ହରିପାର ଏବଂ ଠାକୁମଗରଠାରେ ଜନସଭାକୁ ଉଦ୍‌ବୋଧନ ଦେବେ । ସଂଧ୍ୟାରେ ଶ୍ରୀ ମୋଦୀ ଉତ୍ତର କୋଲକାତାରେ ଥନ୍ଥାନିଆ କାଲିବରିଠାରେ ମନ୍ଦିରରେ ପ୍ରାର୍ଥନା କରିବା ପରେ ଏକ ରୋଡ ଶୋ'ରେ ସାମିଲ ହେବେ । ଇତିମଧ୍ୟରେ ବିଜେପି ନେତା ଅମିତ ଶାହା ତେହଟା, ନଦୀଆ ଏବଂ ଅନୁରିଆରେ ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି । ପୂର୍ବତନ ବିଜେପି ଅଧ୍ୟକ୍ଷ ଜେ.ପି.ନଡ୍ଡା ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଛି । ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ଚିନ୍ନାର ପାର୍କରୁ

ଜୋରାମନ୍ଦିର ପର୍ଯ୍ୟନ୍ତ ଏକ ର୍ୟାଲିର ନେତୃତ୍ୱ ନେବାର କାର୍ଯ୍ୟକ୍ରମ ରହିଛି ।

ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ବିଧାନସଭା ଅଞ୍ଚଳ ଭବାନୀପୁରରେ ପ୍ରଚାର କରୁଛନ୍ତି । ଦଳର ସାଧାରଣ ସଚିବ ଅଭିଷେକ ବାନାର୍ଜୀ ମଧ୍ୟ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

## ଟ୍ରମ୍ପ ଆଟାକ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ, ଉପରାଷ୍ଟ୍ରପତି ଜେ.ଡି.ଭାନ୍ସ, ଦ୍ୱିତୀୟ ମହିଳା ଉଷା ଭାନ୍ସ ଓ ହ୍ୱାଇଟ୍ ହାଉସ୍‌ର ଅନେକ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଜଣା ଆକ୍ରମଣରୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ ଓ୍ୱାଶିଂଟନ୍ ଡିସିର ଏକ ହୋଟେଲରେ ବାର୍ଷିକ ରାତ୍ରିଭୋଜନ ଚାଲିଥିବାବେଳେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଜଣେ ବ୍ୟକ୍ତି ଗୁଳିଚଳାଇବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଆମେରିକାର ଗୋପନୀୟ ସେବା ଅଧିକାରୀ ଓ ସୁରକ୍ଷା ଅଧିକାରୀମାନେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସୁରକ୍ଷିତ ଭାବେ ସମ୍ପୃକ୍ତ କୋଠରୀ ବାହାରକୁ ନେଇଯାଇଥିଲେ । ହ୍ୱାଇଟ୍ ହାଉସ୍ ପ୍ରତିନିଧିଙ୍କ ବାର୍ଷିକ ରାତ୍ରିଭୋଜନ କାର୍ଯ୍ୟକ୍ରମରେ ରାଜନୈତିକ ନେତା, ସାମ୍ବାଦିକ ଏବଂ ଅନ୍ୟାନ୍ୟ ନିମନ୍ତ୍ରିତ ବ୍ୟକ୍ତି ସାମିଲ ଥିଲେ । ଗୁଳିଚାଳନା ସମୟରେ

ସେମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଟେବୁଲ ତଳେ ବସି ଯାଇଥିଲେ ।

ଗୁଳିଚାଳନାର କିଛିଘଣ୍ଟା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି ସୁରକ୍ଷା କର୍ମୀମାନେ କାଲିଫର୍ଣ୍ଣିଆର ୩୧ ବର୍ଷୀୟ କୋଲ୍ ଟୋମାସ୍ ଆଲେନ୍ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି ।

ଶ୍ରୀ ଟ୍ରମ୍ପ କହିଛନ୍ତି ସମ୍ପୃକ୍ତ ଆତତାୟୀ ଜଣେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ ମଧ୍ୟ ସେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ କୌଣସି କ୍ଷତି ହୋଇନଥିଲା । ଗତ ୨ ବର୍ଷ ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଉପରେ ଦୁଇଥର ହତ୍ୟା ଉଦ୍ୟମ କରାଯାଇଛି । ୨୦୨୪ ମସିହା ଜୁଲାଇ ୧୩ରେ ନିର୍ବାଚନ ପ୍ରଚାର ସମୟରେ ଏବଂ ସେହିବର୍ଷ ସେପ୍ଟେମ୍ବର ୧୫ରେ ଫ୍ଲୋରିଡାର ପାମ୍ ବିଚ୍‌ରେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା ।

## ପିଏମ୍-ଟ୍ରମ୍ପ

ୱାଶିଂଟନ୍ ଡିସିର ଏକ ହୋଟେଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ, ଉପରାଷ୍ଟ୍ରପତି ଜେ.ଡି.ଭାନ୍ସଙ୍କ ଉପରେ ହୋଇଥିବା ଆକ୍ରମଣରେ ସେମାନେ ସୁରକ୍ଷିତ ଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ଏକ ବାର୍ତ୍ତାରେ ଶ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ମଙ୍ଗଳ କାମନା କରି

କହିଛନ୍ତି ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏଭଳି ଆକ୍ରମଣକୁ ପ୍ରତ୍ୟେକଟି ସ୍ତରରେ ନିନ୍ଦା କରାଯିବା ଉଚିତ୍ ।

## ରଘୁରାୟ-ଡିମାଇଜ୍

ବର୍ଷିଆନ୍ ଫଟୋଗ୍ରାଫର ରଘୁ ରାୟଙ୍କ ୮୩ବର୍ଷ ବୟସରେ ପରଲୋକ ଘଟିଛି । ୧୯୪୨ ମସିହା ଡିସେମ୍ବର ୧୮ରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରାୟ ବିଶ୍ୱର ଜଣେ ସମ୍ମାନିତ ଫଟୋଗ୍ରାଫର ଭାବେ ଜଣାଶୁଣା । ଆଧୁନିକ ଭାରତର ଦୃଶ୍ୟ ପ୍ରତିଫଳନ ଭାବେ ରଘୁ ରାୟଙ୍କ ଫଟୋଚିତ୍ର ଗ୍ରହଣ କରାଯାଇଥାଏ । ସେ ଭୋପାଳ ଗ୍ୟାସ୍ ଦୁର୍ଘଟଣାର ଚିତ୍ର ଉତ୍ତୋଳନ କରି ବିଶ୍ୱକୁ ଗ୍ୟାସ୍ ଦୁର୍ଘଟଣାର ଭୟାବହତା ଦେଖାଇ ପାରିଥିଲେ । ବାଂଲାଦେଶ ମୁକ୍ତି ଯୁଦ୍ଧ ସମୟରେ ଉନ୍ନତ ଫଟୋଗ୍ରାଫି ପାଇଁ ତାଙ୍କୁ ୧୯୭୨ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ୧୯୯୨ ମସିହାରେ ଶ୍ରୀ ରାୟଙ୍କୁ ଆମେରିକାର ଫଟୋଗ୍ରାଫର ଅଫ୍ ଦ ଇୟର ନାମିତ କରାଯାଇଥିଲା । ୨୦୧୯ରେ ଫଟୋଗ୍ରାଫିର ଶ୍ରେଷ୍ଠ ଅନ୍ତର୍ଜାତୀୟ ସମ୍ମାନ-ଏକାଡେମୀ ଡେସ୍ ବ୍ୟୁକ୍ସ ଆର୍ଟ୍ସ ଫଟୋଗ୍ରାଫି ପୁରସ୍କାର ପ୍ରଦାନ କରାଯାଇଥିଲା । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ୨୦୧୭ ମସିହାରେ ଶ୍ରୀ ରାୟଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରିଥିଲେ ।

# ବାଂଲାଦେଶ-ଟେରର ଆଲର୍ଟ

ବାଂଲାଦେଶର ସଂସଦ ସମେତ ପ୍ରମୁଖ ପ୍ରତିଷ୍ଠାନ ଗୁଡ଼ିକ ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ସେଠାକାର ପୁଲିସ ସୁରକ୍ଷା ସତର୍କତା ଜାରି କରିଛି । ଗଣମାଧ୍ୟମ ରିପୋର୍ଟ ଏବଂ ପ୍ରଶାସନିକ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁଇନ୍ଦା ରିପୋର୍ଟ ଆଧାରରେ ସୁରକ୍ଷା ସତର୍କତା ଜାରି କରାଯାଇଛି । ଏହି ସୁରକ୍ଷା ସତର୍କତାକୁ ଜରୁରୀ ଏବଂ ଗୋପନୀୟ ବୋଲି କୁହାଯାଇଛି । ବାଂଲାଦେଶର ପୋଲିସ ମୁଖ୍ୟାଳୟର ସୂଚନା ଅନୁଯାୟୀ ସେଠାକାର ସଂସଦ ଭବନ, ପୂଜାସ୍ଥଳୀ, ମନୋରଞ୍ଜନ ପ୍ରତିଷ୍ଠାନ, ସାମରିକ ଏବଂ ପୋଲିସ କାର୍ଯ୍ୟାଳୟ ଗୁଡ଼ିକ ଉପରେ ଆତଙ୍କବାଦୀ ଆକ୍ରମଣର ସମ୍ଭାବନା ରହିଥିବା ଗୁଇନ୍ଦା ସଂସ୍ଥାଗୁଡ଼ିକ ରିପୋର୍ଟ କରିଛନ୍ତି । ଏକ ପ୍ରତିବନ୍ଧିତ ଆତଙ୍କବାଦୀ ଗୋଷ୍ଠୀର ସଦସ୍ୟ ଇସ୍ତିଆକ୍ ଅହମ୍ମଦ ସାମି ଓରଫ୍ ଅବୁ ବକରକୁ ଗିରଫ କରାଯିବା ପରେ ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ବନ୍ଧୀୟ ଅନେକ ତଥ୍ୟ ପ୍ରକାଶ ପାଇଛି । ଇସ୍ତିଆକ୍ ଅହମ୍ମଦ ବରଖାସ୍ତ ହୋଇଥିବା ଦୁଇଜଣ ସାମରିକ ଅଧିକାରୀଙ୍କ ସହ ସମ୍ପର୍କରେ ରହିଥିବା ଅଭିଯୋଗ ହୋଇଛି । ତେବେ କେଉଁ ପ୍ରତିବନ୍ଧିତ ଗୋଷ୍ଠୀ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ଯୋଜନା କରୁଛନ୍ତି, ସେ ନେଇ କୌଣସି ତଥ୍ୟ ସାର୍ବଜନୀନ କରାଯାଇ ନାହିଁ ।

# ଆଇପିଏଲ୍

ଆଜି ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟା ୩୦ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଏବଂ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଆଜିର ଦ୍ୱିତୀୟ ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ରେ କୋଲକାତା ନାଇଟ୍ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମଧ୍ୟରେ ଖେଳାଯିବ ।

ଗତକାଲି ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୫ ୱିକେଟ୍‌ରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଥିବାବେଳେ ନୂଆଦିଲ୍ଲୀର ଅରୁଣ୍ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଛି ।

ପଏଣ୍ଟ ତାଲିକାରେ ପଞ୍ଜାବ କିଙ୍ଗ୍‌ସ ୭ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ୧୦ ପଏଣ୍ଟ ସହ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ, ସନ୍ ରାଇଜର୍ସ ହାଇଦ୍ରାବାଦ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।